بسم اللہ الرحمن الرحیم

**ଖୁତ୍‌ବା ଜୁମା ୨୩ ଡ଼ିସେମ୍ବର ୨୦୨୨ର ସାରାଂଶ**
**ସ୍ଥାନ-ମସ୍‌ଜିଦ୍ ମୁବାରକ, ଇସ୍‌ଲାମାବାଦ୍ ଟେଲଫୋର୍ଡ଼ (ୟୁ.କେ)**

# କାଦିୟାନ୍ ଓ ଅନ୍ୟ ଆଫ୍ରିକୀୟ ଦେଶମାନଙ୍କରେ ପ୍ରାରମ୍ଭ ହୋଇଥିବା ଜଲସା ସାଲାନାକୁ କେନ୍ଦ୍ର କରି ହୁଜୁର ଅନୱର୍ ଅ.ବଙ୍କ ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ବିଶ୍ୱାସ, ନିଷ୍ଠା ଏବଂ ବିଶ୍ୱସ୍ତତାରେ ଉନ୍ନତି କରିବା ନିମନ୍ତେ ଉପଦେଶ ।

**ଅଶ୍‌ହଦୁ ଅନ୍‌ଲା ଇଲାହା ଇଲ୍ଲଲ୍ଲାହୁ ୱହ୍‌ଦହୁ ଲାଶରିକା ଲହୁ ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ। ଅମ୍ମା ବାଦ୍‌ଫାଊଜୁ ବିଲ୍ଲାଃହି ମିନଶ୍ ଶୈତାନ୍ ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍ ରହ୍‌ମାନ୍ ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମାନ୍ ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ୱ ଇୟାକା ନସ୍‌ତଈନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜ଼ିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଅଲୈହିମ୍ ୱଲଜ୍ୱାଲ୍‌ଲିନ୍ ।**

ତଶହୁଦ୍, ତଊଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜ଼ିଜ୍ କହିଲେ; ଆଜି ଠାରୁ କାଦିୟାନ୍ ଏବଂ ଅନ୍ୟ କେତେକ ଅଫ୍ରିକୀୟ ଦେଶମାନଙ୍କରେ ଜଲ୍‌ସା ସାଲାନା ଆରମ୍ଭ ହେଉଅଛି । ଅଲ୍ଲାଃତାଲା ପ୍ରତ୍ୟେକ ଦେଶର ଜଲ୍‌ସାକୁ ପ୍ରତ୍ୟେକ ଦୃଷ୍ଟିର କଲ୍ୟାଣମୟ ଏବଂ ସାଫଲ୍ୟ ମଣ୍ଡିତ କରନ୍ତୁ। **ଇନ୍‌ଶାଅଲ୍ଲାଃ** ଆସନ୍ତା ରବିବାର ଦିନ ଜଲ୍‌ସା ସାଲାନାର ଶେଷ ଦିବସରେ କାଦିୟାନ ଜଲ୍‌ସା ସାଲାନାରୁ ମୁଁ ଉଦ୍‌ବୋଧନ ଦେବି ଯହିଁରେ ଅଫ୍ରିକା ମହାଦେଶର ୭/୮ଟି ଦେଶ ମଧ୍ୟ ସାମିଲ ହୋଇଯିବେ । ତହିଁରେ ଏହି ପ୍ରୟାସ କରାଯିବ ଯେ, ସେହି ସମସ୍ତ ଦେଶମାନଙ୍କୁ ଏମ.ଟି.ଏ ମାଧ୍ୟମରେ ସିଧାସଳଖ ଏକତ୍ରିତ କରିଦିଆଯାଉ । ଆଜି ସେହି ଦେଶମାନଙ୍କରେ ଯେଉଁଠି ଲୋକମାନେ ଏକତ୍ରିତ ହୋଇ ଖୁତ୍‌ବା ଶୁଣୁଛନ୍ତି, ତେଣୁ ଇତ୍ୟବସରରେ ମୁଁ ଏହା ଉଚିତ ବୋଲି ମନେ କଲି ଯେ, ହ. ମସିହ୍ ମଉଦ୍ ଅ.ସଙ୍କ ଶବ୍ଦରେ ସେହି କଥାଗୁଡ଼ିକୁ ଉପସ୍ଥାପିତ କରିଦେଉଛି ଯାହା ଆପଣ ଅ.ସଙ୍କ ଆଗମନ, ଆବିର୍ଭାବର ଏବଂ ଜମାଅତ୍‌ର ଅଭିପ୍ରାୟ ସଂପର୍କରେ ବର୍ଣ୍ଣିତ କରାଯାଇଛି ଓ ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ବିଭିନ୍ନ ଉପଦେଶ ମଧ୍ୟ ପ୍ରଦାନ କରାଯାଇଛି । ଅନେକ ନବ ଦୀକ୍ଷିତ ଅହେମଦିମାନେ ସେହି ଜଲ୍‌ସା ମାନଙ୍କରେ ସାମିଲ୍ ହେବେ । ଅତଏବ ସେମାନଙ୍କୁ ଏକଥା ମଧ୍ୟ ଜାଣି ରଖିବା ଉଚିତ ଯେ, ଏହି ଦିନମାନଙ୍କରେ ନିଜର ବିଶ୍ୱାସ, ନିଷ୍ଠା ଓ ବିଶ୍ୱସ୍ତତାରେ ଉନ୍ନତି କରନ୍ତୁ ଏବଂ ଅଲ୍ଲାଃତାଲାଙ୍କର ସାହାଯ୍ୟ ଭିକ୍ଷା କରି ହ. ମସିହ୍ ମଉଦ୍ ଅ.ସଙ୍କ ଆଗମନର ଅଭିପ୍ରାୟ ଏବଂ ନିଜର ଦାୟିତ୍ୱ ସଂପର୍କରେ ଆପଣମାନେ ସମ୍ୟକ ଜ୍ଞାନ ଆହରଣ କରିପାରିବେ ।

ହୁଜୁର ଅନୱର୍ ଅ.ବ କହିଲେ, ଜମାଅତ୍ ଅହେମଦିୟା ସ୍ଥାପନ କରିବାର କେଉଁ ଅଭିପ୍ରାୟ ରହିଥିଲା ଏବଂ କାହିଁକି ଏହି ଯୁଗରେ ଜମାଅତ୍‌ର ସ୍ଥାପନ ଆବଶ୍ୟକତା ଅନୁମେୟ ହେଲା ? ତତ୍‌ସଂକ୍ରାନ୍ତରେ ହ. ମସିହ୍ ମଉଦ୍ ଅ.ସ କୁହନ୍ତି ଯେ, ଏହି ଯୁଗ କେତେ କଲ୍ୟାଣମୟ ଓ ସମୃଦ୍ଧମୟ ଯୁଗ ଯେ ଅଲ୍ଲାଃତାଲା ସେହି ଘଡ଼ି ସନ୍ଧି ଦିନମାନଙ୍କରେ କେବଳ ନିଜର କୃପା ବଳରେ ଆଁହଜରତ ସ.ଅଙ୍କ ଦ୍ୱାରା ଆନୀତ ଧର୍ମର ପରିପ୍ରକାଶ ନିମନ୍ତେ ଏହି ପୁଣ୍ୟ ଅଭିଳାଷା ପରିପ୍ରକାଶ କରିଛନ୍ତି । ସେ ଆଦୃଷ୍ଟ ଭାବରେ ଇସ୍‌ଲାମ୍ ଧର୍ମର ସାହାଯ୍ୟ ନିମନ୍ତେ ବ୍ୟବସ୍ଥା କଲେ ଏବଂ ପରମ୍ପରାଗତ ଭାବରେ ଏକ ସଂପ୍ରଦାୟ ସ୍ଥାପନ କଲେ ଯାହାର ନାମ ଜମାଅତ୍ ଅହେମଦିୟା ଅଟେ । ଯେଉଁ ଲୋକମାନେ ନିଜ ମନରେ ଇସ୍‌ଲାମ୍ ଧର୍ମ ପ୍ରତି ସମବେଦନା ରଖନ୍ତି ସେମାନେ କୁହନ୍ତୁ ଯେ, କ'ଣ କୌଣସି ଯୁଗ ଏହି ଯୁଗ ଠାରୁ ଅଧିକ କ୍ଲୀଷ୍ଟ ଭାବରେ ଅତିକ୍ରାନ୍ତ ହୋଇଛି ଯେଉଁ ଯୁଗରେ ବିରୋଧୀମାନେ ଆଁହଜରତ ସ.ଅଙ୍କ ପ୍ରତି ଏତେ ଅନ୍ୟାୟ, ଅତ୍ୟାଚାର, ଘୃଣାମୂଳକ ଆଚରଣ ଏବଂ ଆପଣ ସ.ଅଙ୍କୁ ଅପମାନିତ କରିଛନ୍ତି । ପବିତ୍ର କୁରଆନ କରୀମ୍‌ର ଅପମାନ ଓ ଅନାଦର ମଧ୍ୟ ହୋଇଛି । କ'ଣ ଅଲ୍ଲାଃତାଲାଙ୍କୁ ଆଁହଜରତ ସ.ଅଙ୍କ ସମ୍ମାନ ତଥା ମର୍ଯ୍ୟାଦା ପ୍ରତି ସାମାନ୍ୟ ଚିନ୍ତା ମଧ୍ୟ ନଥିଲା ଯେ, ସେ ଆଁହଜରତ ସ.ଅଙ୍କ ପ୍ରତି ହୋଇଥିବା ଏଭଳି ଅନ୍ୟାୟ, ଅତ୍ୟାଚାର, ଅସମ୍ମାନ ଏବଂ ନିନ୍ଦା ଦେଖିବା ସତ୍ତ୍ୱେ ବିହିତ ପଦକ୍ଷେପ ସ୍ୱରୂପ କୌଣସି ଆକାଶୀୟ ସଂପ୍ରଦାୟ ସ୍ଥାପନ କରିବେ ନାହିଁ ? ସେହିପରି ସେ ବିରୋଧୀମାନଙ୍କର ମୁହଁ ବନ୍ଦ କରି ଆପଣ ସ.ଅଙ୍କ ସମ୍ମାନ ଏବଂ ପବିତ୍ରତାକୁ ସଂସାରରେ ପ୍ରସାରିତ କରିଥାଆନ୍ତେ ? ଏହାର ବିପରୀତ ଅଲ୍ଲାଃତାଲା ସ୍ୱୟଂ ଓ ତାହାଙ୍କ ଈଶ୍ୱରଦୂତମାନେ ମଧ୍ୟ

ତାହାଙ୍କ ଉପରେ ଶାନ୍ତି ଅବତୀର୍ଣ୍ଣ ହେବା ନିମନ୍ତେ ପ୍ରାର୍ଥନା କରନ୍ତି । ଅତଏବ ଏହି କଥାର ପରିପ୍ରକାଶ ପାଇଁ ଅଲ୍ଲାଃତାଲା ସ୍ୱୟଂ ଏହି ସଂପ୍ରଦାୟ ସ୍ଥାପନ କରିଛନ୍ତି । ଅତଏବ ଏହା ଆମମାନଙ୍କର କର୍ତ୍ତବ୍ୟ ଯେ, ଯେଉଁମାନେ ହ. ମସିହ୍ ମଉଦ୍ ଅ.ସଙ୍କୁ ସ୍ୱୀକାର କରିଛନ୍ତି ଏବଂ ଏହି ସଂପ୍ରଦାୟରେ ସାମିଲ ହୋଇ ନିଜର ଅବସ୍ଥାକୁ ସୁଧାରିବା ଏବଂ ସଂଶୋଧନ କରିବାକୁ ଅଭିଳାଷୀ ଅଟନ୍ତି । ଅନ୍ୟ ପଟରେ ସେମାନେ ଆଁହଜରତ ସ.ଅଙ୍କ ଉପରେ ଦୁରୁଦ୍ ମଧ୍ୟ ପ୍ରେରଣ କରନ୍ତି ଏବଂ ଏହି ଦିନମାନଙ୍କରେ ବିଶେଷ କରି ଦୁରୁଦ୍ ଶରୀଫ୍ ପ୍ରେରଣ କରିବା ପ୍ରତି ବିଶେଷ ରୂପେ ଧ୍ୟାନ ରହିବା ଉଚିତ । ଆମେମାନେ ଯେତେବେଳେ ଆଁହଜରତ ସ.ଅଙ୍କ ଉପରେ ଅଧିକରୁ ଅଧିକ ଦୁରୁଦ୍ ଶରୀଫ୍ ପ୍ରେରଣ କରିବୁ ସେତେବେଳେ ସେହି ଅଭିପ୍ରାୟକୁ ଚରିତାର୍ଥ କରୁଥିବା ବ୍ୟକ୍ତି ରୂପେ ମଧ୍ୟ ପରିଗଣିତ ହେବୁ । ଆଁହଜରତ ସ.ଅଙ୍କ ସେହି ସମ୍ମାନ ଏବଂ ମର୍ଯ୍ୟାଦା ତଥା ଗାରିମାକୁ ପୁନଃ ସ୍ଥାପନ କରିବା ପାଇଁ ହ. ମସିହ୍ ମଉଦ୍ ଅ.ସ ଆମମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

ନିଜ ଆଗମନ ଏବଂ ଆବିର୍ଭାବର ଅଭିପ୍ରାୟ ସଂପର୍କରେ ବର୍ଣ୍ଣନା କରି ହ. ମସିହ୍ ମଉଦ୍ ଅ.ସ କୁହନ୍ତି, ଅଲ୍ଲାଃତାଲା ମୋତେ ଏଇଥିପାଇଁ ପ୍ରେରଣ କରିଛନ୍ତି ଯେ, ମୁଁ ଆଁହଜରତ ସ.ଅଙ୍କ ହଜି ଯାଇଥିବା ସେହି ଖ୍ୟାତିକୁ ଫେରାଇ ଆଣି ତାହାକୁ ପୁନଃ ସ୍ଥାପନ କରିଦେବି ଓ ପବିତ୍ର କୁରଆନ କରୀମ୍‌ର ସତ୍ୟତାକୁ ସଂସାରବାସୀଙ୍କୁ ଦେଖାଇ ପାରିବି । ଏହି ସମସ୍ତ କାର୍ଯ୍ୟ ସମ୍ପାଦିତ ହେଉଅଛି, କିନ୍ତୁ ଯେଉଁମାନଙ୍କ ଆଖିରେ (ଅନ୍ଧ) ପୁଚୁଳିକା ପଡ଼ିଛି ସେମାନେ ଏହାକୁ ଦେଖି ପାରିବେ ନାହିଁ । ଯଦିଓ ବର୍ତ୍ତମାନ ଏହି ସଂପ୍ରଦାୟ ସୂର୍ଯ୍ୟ ପରି ଆଲୋକିତ ହୋଇଯାଇଛି ଏବଂ ଅଲ୍ଲାଃତାଲାଙ୍କର ନିଦର୍ଶନ ଏବଂ ଲକ୍ଷଣର ଏତେ ସଂଖ୍ୟକ ଲୋକମାନେ ସାକ୍ଷୀ ଅଟନ୍ତି ଯେ, ଯଦି ସେହି ନିଦର୍ଶନଗୁଡ଼ିକୁ ଗୋଟିଏ ସ୍ଥାନରେ ଏକତ୍ରିତ କରାଯାଏ ତେବେ ସେହି ନିଦର୍ଶନ (ଓ ସାକ୍ଷ୍ୟ ପ୍ରଦାନ କରିଥିବା ବ୍ୟକ୍ତିଙ୍କ) ସଂଖ୍ୟା ଏତେ ଅଧିକ ରହିଛି ଯେ, ଭୂପୃଷ୍ଠରେ କୌଣସି ସମ୍ରାଟର ମଧ୍ୟ ଏତେ ସୈନ୍ୟ ସାମନ୍ତ ମଧ୍ୟ ନଥିବେ । ଆପଣ ଅ.ସ କୁହନ୍ତି ଯେ, ଉକ୍ତ ସଂପ୍ରଦାୟର ସତ୍ୟତାର ଏତେ ଅଗଣିତ ପ୍ରମାଣ ରହିଛି ଯେ, ସେହି ସମସ୍ତ ପ୍ରମାଣକୁ ବର୍ଣ୍ଣନା ଓ ବ୍ୟାଖ୍ୟା କରିବା ସହଜ ସାଧ୍ୟ ନୁହେଁ । କାରଣ ଇସ୍‌ଲାମ୍ ଧର୍ମର ଘୋର ଅପମାନ କରାଯାଇଥିଲା । ତେଣୁ ଅଲ୍ଲାଃତାଲା ସେହି ଅପମାନ ଦୃଷ୍ଟିରୁ ଏହି ସଂପ୍ରଦାୟର ମାହାତ୍ମ୍ୟ ଏବଂ ମର୍ଯ୍ୟାଦାକୁ ଦର୍ଶାଇଛନ୍ତି ।

ଆପଣ ଅ.ସ ପୁନଶ୍ଚ କୁହନ୍ତି, ଏହି ଯୁଗଟି ମଧ୍ୟ ଆଧ୍ୟାତ୍ମିକ ଯୁଦ୍ଧର ଯୁଗ ଅଟେ । ଶୈତାନ୍ ସହିତ ଯୁଦ୍ଧ ପ୍ରାରମ୍ଭ ହୋଇଛି । ଶୈତନ୍ ନିଜର ସମସ୍ତ ଅସ୍ତ୍ରଶସ୍ତ୍ର ଏବଂ ସମସ୍ତ ପ୍ରକାରର ଆଳକୁ ଘେନି ଇସ୍‌ଲାମ୍ ଧର୍ମର ଦୁର୍ଗ ଉପରେ ଆକ୍ରମଣ କରିବାକୁ ଉଦ୍ୟତ ହୋଇଛି । ସେ ଏହା ଚାହୁଁଛି ଯେ, ଇସ୍‌ଲାମ୍ ଧର୍ମ ପରାଜିତ ହୋଇଯାଉ । କିନ୍ତୁ ଅଲ୍ଲାଃତାଲା ବର୍ତ୍ତମାନ ଶୈତାନ୍‌ର ସେହି ଶେଷ ଯୁଦ୍ଧରେ ତାହାକୁ ସବୁଦିନ ପାଇଁ ପରାଜିତ କରିଦେବା ନିମନ୍ତେ ଏହି ସଂପ୍ରଦାୟକୁ ସ୍ଥାପନ କିରଛନ୍ତି। ସୁତରାଂ ଏହି କଥା ବା ମର୍ମକୁ ପ୍ରତ୍ୟେକ ଅହେମଦିଙ୍କୁ ସ୍ମରଣ ରଖି ନିଜ ନିଜର କର୍ତ୍ତବ୍ୟବୋଧ ପ୍ରତି ଧ୍ୟାନ ଦେବା ଉଚିତ । ଆପଣ ଅ.ସ କୁହନ୍ତି, ପବିତ୍ର ହେଉଛି ସେହି ବ୍ୟକ୍ତି ଯିଏ ଅଲ୍ଲାଃତାଲାଙ୍କର ସେହି ଯୁଗାବତାର ଏବଂ ଧର୍ମାଧ୍ୟକ୍ଷଙ୍କୁ ଚିହ୍ନେ । ଆଉ ସେହି ସମୟ ଅତି ନିକଟବର୍ତ୍ତୀ ଯେତେବେଳେ ଅଲ୍ଲାଃତାଲା ବିଶ୍ୱାସକାରୀମାନଙ୍କୁ ଏହାର ପ୍ରତିବଦଳ ଅବଶ୍ୟ ପ୍ରଦାନ କରିବେ ଓ ସେହି ସମୟଟି ଅତି ନିକଟବର୍ତ୍ତୀ ଯେ, ଅଲ୍ଲାଃତାଲା ଏହି ସଂପ୍ରଦାୟର ସତ୍ୟତାକୁ ଅବଶ୍ୟ ସୂର୍ଯ୍ୟ ଠାରୁ ଅଧିକ ଉଜ୍ଜ୍ୱଳମୟ କରି ଦେଖାଇ ଦେବେ । ଅନ୍ତିମ ସମୟରେ ଯେଉଁ ବ୍ୟକ୍ତି ପ୍ରଭୁଙ୍କ ଉପରେ ବିଶ୍ୱାସ ସ୍ଥାପନ କରେ ତେବେ ଅନ୍ତିମ ଅବସ୍ଥାର ସ୍ଥାପନ କରାଯାଇଥିବା ବିଶ୍ୱାସ ପ୍ରତିବଦଳର କାରଣ ସାଜିବ ନାହିଁ ବରଂ କ୍ଷମା ଯାଚନାର ଦ୍ୱାର ବନ୍ଦ ହେବାର ଚରିତାର୍ଥ ହେବ । ତେଣୁ ଭାଗ୍ୟଶାଳୀ ହେଉଛନ୍ତି ସେହି ବ୍ୟକ୍ତିମାନେ ଯେଉଁମାନେ ଆଜି ହ. ମସିହ୍ ମଉଦ୍ ଅ.ସଙ୍କୁ ସ୍ୱୀକାର କରିଛନ୍ତି ଏବଂ କରୁଅଛନ୍ତି । ସେହିପରି ସେହି ଭାଗ୍ୟଶାଳୀ ବ୍ୟକ୍ତିମାନେ ବିରୋଧୀମାନଙ୍କର ସମସ୍ତ ପ୍ରକାରର ବିରୋଧର ସମ୍ମୁଖୀନ ହୋଇ ଅଲ୍ଲାଃତାଲାଙ୍କ ପ୍ରସନ୍ନତା, ଅନୁଗ୍ରହତା ଏବଂ ପ୍ରେମକୁ ପ୍ରାପ୍ତକାରୀ ବ୍ୟକ୍ତି ରୂପେ ବିବେଚିତ ହେଉଛନ୍ତି ।

ହ. ମସିହ୍ ମଉଦ୍ ଅ.ସ କୁହନ୍ତି ଯେ, କେବଳ ଯୁଗାବତାର ହ. ମସିହ୍ ମଉଦ୍ ଅ.ସଙ୍କୁ ସ୍ୱୀକାର କରିନେବା ଯଥେଷ୍ଟ ନୁହଁ ବରଂ ତାହାଙ୍କୁ ସ୍ୱୀକାର କରିବାର ପ୍ରକୃତ ମର୍ମ ହେଉଛି ନିଜ ମଧ୍ୟରେ ଏକ ପବିତ୍ର ପରିବର୍ତ୍ତନ ସୃଷ୍ଟି ହେବା ଉଚିତ ଏବଂ ପୂର୍ଣ୍ଣ ଏକେଶ୍ୱରବାଦର ମର୍ଗରେ ନିଜକୁ ଅଗ୍ରସର କରାଇବାକୁ ଉଦ୍ୟମ କରନ୍ତୁ । ଅତଏବ ଆପଣମାନେ ଯଦି ଏହିପରି ନିଜର ପାଦକୁ ଆଗକୁ ବଢାଇବେ ତେବେ ସେ ପରିପ୍ରେକ୍ଷୀରେ ଅଲ୍ଲାଃତାଲାଙ୍କର କୃପା ମଧ୍ୟ ବୃଦ୍ଧି ପାଇବ ଏବଂ ଆପଣମାନେ ସେହି କୃପାର ପ୍ରକୃତ ଅଧିକାରୀ ମଧ୍ୟ ହୋଇପାରିବେ । ସୁତରାଂ ଯେଉଁ ବ୍ୟକ୍ତି ଅଲ୍ଲାଃତାଲାଙ୍କ ପ୍ରତି ଭୟ ପ୍ରଦର୍ଶନ କରି ତାହାଙ୍କ ମାର୍ଗ ଅନୁସନ୍ଧାନ କରିବାକୁ ପ୍ରାର୍ଥନା କରନ୍ତି ତେବେ ଅଲ୍ଲାଃତାଲା ନିଜର ବିଧିର ବିଧାନ '**ୱଲ୍ଲଜିନା**

**ଜାହଦୁ ଫିନା ଲନହ୍‌ଦିୟନ୍ନହୁମ୍ ସୁବୁଲନା'** । ଅର୍ଥାତ ଯେଉଁ ବ୍ୟକ୍ତିମାନେ ଆମ୍ଭ ସଂକ୍ରାନ୍ତରେ ଏବଂ ଆମ୍ଭ ମାର୍ଗ ସଂକ୍ରାନ୍ତରେ ଅନୁସନ୍ଧାନ କରନ୍ତି ଓ ଏଥି ନିମନ୍ତେ ଉଦ୍ୟମ କରନ୍ତି ତେବେ ଆମ୍ଭେ ସେମାନଙ୍କୁ ଅବଶ୍ୟ ନିଜର ମାର୍ଗ ଦର୍ଶନ ପ୍ରଦାନ କରାଇ ଦେଇଥାଉ **(ଅଲ୍ ଅନକବୁତ୍:୯୨)** । ଯେପର୍ଯ୍ୟନ୍ତ ମନୁଷ୍ୟ ସଂପୂର୍ଣ୍ଣ ନିଷ୍ଠା ଦ୍ୱାରା ସମସ୍ତ ଅବୈଧ ମାର୍ଗକୁ ନିଜ ପାଇଁ ବନ୍ଦ କରି ନନେଇଛି ଏବଂ ଅଲ୍ଲାଃତାଲାଙ୍କ ନିକଟରେ ଭିକ୍ଷା ପ୍ରାର୍ଥନା କରି ନାହିଁ ସେପର୍ଯ୍ୟନ୍ତ ସେହି ବ୍ୟକ୍ତି ଏଥିପାଇଁ ପ୍ରକୃତ ବ୍ୟକ୍ତିର ଅଧିକାରୀ ହୋଇପାରିବ ନାହିଁ ଯେ, ତାହାକୁ ଅଲ୍ଲାଃତାଲାଙ୍କ ସାହାଯ୍ୟ ଏବଂ ସମର୍ଥନ ପ୍ରାପ୍ତ ହୋଇପାରିବ । ଅଲ୍ଲାଃତାଲା ଦେଖୁଛନ୍ତି ଯେ, ଯଦି ତାହାର (ଉଦ୍ୟମକାରୀ/ମୁଜାହିଦ୍‌ର) ହୃଦୟ ପ୍ରତ୍ୟେକ ପ୍ରକାରର ଆତ୍ମିକ ସ୍ୱାର୍ଥ ଠାରୁ ପବିତ୍ର ତେବେ ତା' ପାଇଁ ନିଜ କୃପାର ଦ୍ୱାର ଉନ୍ମୁକ୍ତ କରିଥାନ୍ତି ଏବଂ ତାହାକୁ ନିଜର ଛତ୍ରଛାୟା ତଳେ ସ୍ୱୟଂ ତା'ର ଲାଳନ ପାଳନର ଦାୟିତ୍ୱ ବହନ କରି ନିଅନ୍ତି । ଯଦି ତା' ମନର କୌଣସି କୋଣରେ ବି ଶିର୍କ (ଈଶ୍ୱରଙ୍କ ସହିତ ସମକକ୍ଷ କରିବା) ଏବଂ ବିଦ୍‌ଅତ୍ (ନୂତନ ଆହୃତ ରୀତି)ର ତିଳେ ମାତ୍ର ଅଂଶ ଥାଏ ତେବେ ଅଲ୍ଲାଃତାଲା ତାହାର ପ୍ରାର୍ଥନା ଏବଂ ତାହାର ଉପାସନାକୁ ତା' ପାଟିରେ ହିଁ ଲେଉଟାଇ ଦିଅନ୍ତି (ଅର୍ଥାତ ତାହାକୁ ସ୍ୱୀକାର କରନ୍ତି ନାହିଁ) । ହ. ମସିହ୍ ମଉଦ୍ ଅ.ସ ନିଜ ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ସାହାବାମାନଙ୍କ ପରି ଆଦର୍ଶ ଏବଂ ସେମାନଙ୍କ ପରି ନିଷ୍ଠାପରତା ସୃଷ୍ଟି କରିବାର ଉପଦେଶ ଦେଇ କୁହନ୍ତି, *ଅଲ୍ଲାଃତାଲା ଯେତେବେଳେ ଏହି ସଂପ୍ରଦାୟକୁ ସ୍ଥାପନ କରିଛନ୍ତି ଏବଂ ଏହି ସଂପ୍ରଦାୟର ସମର୍ଥନରେ ଶତାଧିକ ନିଦର୍ଶନ ମଧ୍ୟ ପ୍ରକାଶିତ କରିଛନ୍ତି ତେବେ ଏହା ପଛରେ ତାହାଙ୍କର ଏହି ଅଭିପ୍ରାୟ ରହିଛି ଯେ, ଏହି ଜମାଅତ୍ ସାହାବାମାନଙ୍କର ଜମାଅତ୍ ଭଳି ହୋଇଯାଉ ଏବଂ ପୁନଶ୍ଚ ଏହାପରେ ସେହି ଶ୍ରେଷ୍ଠ ଯୁଗ ଆସିଯାଆନ୍ତା କି ଓ ଯେଉଁ ବ୍ୟକ୍ତିମାନେ ଏହି ସଂପ୍ରଦାୟରେ ପ୍ରବିଷ୍ଟ ହେବେ ସେମାନେ ଉକ୍ତ ଆୟତ୍ ଅର୍ଥାତ* **ୱ ଆଖରିନା ମିନ୍‌ହୁମ୍ମ ଲମ୍ମା ୟଲ୍‌ହକୁ ବହିମ୍‌**‌*ରେ ପ୍ରବିଷ୍ଟ ହୁଅନ୍ତି* **(ସୁରା ଅଲ୍ ଜୁମା:୪)** । *ତେଣୁ ଆପଣମାନେ ସେହି ମିଛ ଜାମାପଟା ଓହ୍ଲାଇ ଦିଅନ୍ତୁ ଏବଂ ନିଜର ସମସ୍ତ ଧ୍ୟାନ ଅଲ୍ଲାଃତାଲାଙ୍କ ଆଡ଼କୁ କେନ୍ଦ୍ରିତ ରଖନ୍ତୁ ।*

ଇସ୍‌ଲାମ୍ ଧର୍ମ ଉପରେ ତିନୋଟି ଯୁଗ ଅତିକ୍ରାନ୍ତ ହୋଇଛି, **ପ୍ରଥମ-** କୁରୁନେ ସୁଲାସା, **ଦ୍ୱିତୀୟ-**ଫୈଜେ ଆୱଜ୍ (କୁଟୁଳିଆ ଯୁଗ) ଅର୍ଥାତ ଯାହା ସଂପର୍କରେ ରସୁଲୁଲ୍ଲାଃ ସ.ଅ କହିଥିଲେ ଯେ, ନା ମୁଁ ସେମାନଙ୍କ ମଧ୍ୟରୁ ଅଟେ ଓ ନା ହିଁ ସେମାନେ ମୋ ମଧ୍ୟରୁ ଅଟନ୍ତି । **ତୃତୀୟ-** ପ୍ରତିଶୃତ ମସିହ୍‌ଙ୍କ ଯୁଗ, ଯାହାକି ହ. ମୁହମ୍ମଦ ସ.ଅଙ୍କ ଯୁଗ ଏବଂ **ୱ ଆଖରିନା ମିନ୍‌ହୁମ୍ମ ଲମ୍ମା ୟଲ୍‌ହକୁ ବିହିମ୍ (ସୁରା ଅଲ ଜୁମା:୪)**ରୁ ସ୍ପଷ୍ଟ ଯେ, ଏଭଳି ଏକ ଯୁଗ ମଧ୍ୟ ଆସିବ ଯାହା ସାହାବାମାନଙ୍କ ଆଚାର ବ୍ୟବହାର ବିରୁଦ୍ଧୀୟ ହେବ । ସେହି ହଜାର ବର୍ଷ ମଧ୍ୟରେ ଇସ୍‌ଲାମ୍ ଧର୍ମ ଅନେକ ବିପତ୍ତିର ସମ୍ମୁଖୀନ ହେବ ଏବଂ ନାନା କୁପ୍ରଥାର ଶିକାର ମଧ୍ୟ ହୋଇଥିଲା । ଧର୍ମ ବିଗିଡ଼ି ଗଲା ଏବଂ କେତେକ ଲୋକଙ୍କୁ ବାଦ ଦେଲେ ଅନ୍ୟମାନେ ସମସ୍ତେ ଇସ୍‌ଲାମ୍ ଧର୍ମକୁ ପରିତ୍ୟାଗ କରିଦେଲେ ଏବଂ ଅନେକ ଗୋଷ୍ଠୀରେ ବିଭକ୍ତ ହୋଇଗଲେ । ହ. ମସିହ୍ ମଉଦ୍ ଅ.ସ କହିଲେ ଯେ, ଅଲ୍ଲାଃତାଲା ବର୍ତ୍ତମାନ ଏହି ଇଚ୍ଛା ପ୍ରକାଶ କରିଛନ୍ତି ଯେ, ସେ ଆଉ ଏକ ବିଶାଳ ଗୋଷ୍ଠୀକୁ ସୃଷ୍ଟି କରିବେ ଯେକି ସାହାବାମାନଙ୍କ ଗୋଷ୍ଠୀ ବୋଲାଇବ । କିନ୍ତୁ ଅଲ୍ଲାଃତାଲାଙ୍କର ଏହି ପରମ୍ପରା ରହିଛି ଯେ, ତାହାଙ୍କ ଦ୍ୱାରା ସ୍ଥାପିତ ହୋଇଥିବା ସଂପ୍ରଦାୟଟି ପର୍ଯ୍ୟାୟକ୍ରମେ ବୃଦ୍ଧି ପାଇଥାଏ । ତେଣୁ ଆମମାନଙ୍କର ଜମାଅତ୍‌ର ଉନ୍ନତି ମଧ୍ୟ କ୍ରମ ପର୍ଯ୍ୟାୟ (ପର୍ଯ୍ୟାୟକ୍ରମେ) ଏବଂ କୃଷିର ଚାଷ ଅନୁଯାୟୀ ହେବ । ଏହି ଜମାଅତ୍‌ର ଅର୍ଥ ଏବଂ ଅଭିପ୍ରାୟ ସେହି ବୀଜ ପରି ଯାହାକୁ ଭୂମିରେ ବୁଣା ଯାଇଥାଏ । ସେହି ଅର୍ଥ, ଅଭିପ୍ରାୟ ଏବଂ ଶସ୍ୟରୁ ଉତ୍ପନ୍ନ ବୀଜ ପ୍ରାପ୍ତ ହେବାକୁ ଆହୁରି ଅନେକ ସମୟ ଅବଶିଷ୍ଟ ରହିଛି ଏବଂ ଏହି ଅଭିପ୍ରାୟକୁ ସେ ଅନ୍ୟ ଲୋକମାନଙ୍କ ପର୍ଯ୍ୟନ୍ତ ପହଞ୍ଚାଇବାକୁ ଚାହୁଁଛନ୍ତି । ଅତଏବ୍ ଅଲ୍ଲାଃତାଲାଙ୍କ ଦ୍ୱାରା ସ୍ଥାପିତ ସେହି ଅଭିପ୍ରାୟ ତାହାଙ୍କ ପ୍ରସନ୍ନତା ଏବଂ ଅନୁଗ୍ରହତା ବ୍ୟତୀରେକ କଦାପି ପ୍ରାପ୍ତ ହୋଇ ପାରିବ ନାହିଁ । ଏକେଶ୍ୱରବାଦର ସ୍ୱୀକାରୋକ୍ତି, ଈଶ୍ୱର ଚର୍ଚ୍ଚା ଏବଂ ନିଜ ଭାଇମାନଙ୍କର ଅଧିକାର ସମ୍ପାଦନ କରିବା ପ୍ରତି ଏକ ବିଶେଷ ଧ୍ୟାନ ନିଜ ମନ ଭିତରେ ପୋଷଣ କରିବା ଉଚିତ । ସୁତରାଂ ଉପରୋକ୍ତରେ ବର୍ଣ୍ଣିତ ଅଭିପ୍ରାୟ ହେଉଛି ସେହି ଅଭିପ୍ରାୟ ଯାହାକୁ ପ୍ରାପ୍ତ କରିବା ପାଇଁ ଆମମାନଙ୍କୁ ଉଦ୍ୟମ କରିବା ଉଚିତ। ଏପରି କରିବା ଦ୍ୱାରା ହିଁ ଜମାଅତ୍‌ର ଉନ୍ନତି ଆମେମାନେ ସ୍ୱଚକ୍ଷୁରେ ଉପଲବ୍ଧି କରିପାରିବୁ । **ଇନ୍‌ଶାଅଲ୍ଲାଃ ।**

ପବିତ୍ର କୁରଆନ ଆଡ଼କୁ ଦୃଷ୍ଟି ଆକର୍ଷଣ କରି ହ. ମସିହ୍ ମଉଦ୍ ଅ.ସ କୁହନ୍ତି, ପବିତ୍ର କୁରଆନ୍‌କୁ ଧ୍ୟାନପୂର୍ବକ ଏବଂ ବୁଝି ବିଚାରି ପାଠ କରିବା ଉଚିତ । ମନେରଖ ! ପବିତ୍ର କୁରଆନ୍ କରୀମ୍ ଅନ୍ୟ ପୂର୍ବ ପୁସ୍ତକ ଉପରେ ଏବଂ ନବୀମାନଙ୍କ ଉପରେ ଏହି ମହୋପକାର କରିଛି ଯେ, ଏହା ସେହି ନବୀ ଏବଂ ବିଭିନ୍ନ ଧର୍ମପୁସ୍ତକଗୁଡ଼ିକର ଶିକ୍ଷାର ସାରାଂଶ ଯାହାକି

ସେମାନଙ୍କ ଧର୍ମ ପୁସ୍ତକରେ ଗଳ୍ପ ଆକାରରେ ବର୍ଣ୍ଣିତ ହୋଇଥିଲା ତାହାକୁ ଅଲ୍ଲାଃତାଲା ଓ ତାହାଙ୍କ ବାର୍ତ୍ତାବହ ହ. ମୁହମ୍ମଦ ଏକ ନୂତନ ଜ୍ଞାନର ରୂପରେଖ ପ୍ରଦାନ କରିଛନ୍ତି । ମୁଁ ସତ ସତ କହୁଛି ! କୌଣସି ବ୍ୟକ୍ତି ସେହି ଗଳ୍ପ ଏବଂ କାହାଣୀ ଠାରୁ ମୁକ୍ତି ଲାଭ ପ୍ରାପ୍ତ କରିପାରିବ ନାହିଁ ଯେପର୍ଯ୍ୟନ୍ତ ସେ ପବିତ୍ର କୁରଆନ୍ କରୀମ୍‌କୁ ପଢି ନନେଇଛି । କାରଣ ପବିତ୍ର କୁରଆନ୍‌ର ଏହି ମାହାତ୍ମ୍ୟତା ଏବଂ ମହାନତା ଯେ, ତାହା ଏକ ସିଦ୍ଧାନ୍ତଗତ ଐଶ୍ୱରିକ ବାଣୀ ଅଟେ । ଆମମାନଙ୍କର ବିରୋଧୀ ଆମମାନଙ୍କ ବିରୁଦ୍ଧରେ ଏଇଥି ପାଇଁ ଅଣ୍ଟା ଭିଡ଼ିଛନ୍ତି ଯେ, ଆମେମାନେ ପବିତ୍ର କୁରଆନ୍‌କୁ ତାହାର ପୂର୍ଣ୍ଣାଲୋକ, ବ୍ରହ୍ମ ଜ୍ଞାନ, ସଠିକ୍ ଐଶୀ ପରିଚୟ ଅନୁଯାୟୀ ପ୍ରଦର୍ଶିତ କରିବା ପାଇଁ ଉଦ୍ୟମ କରୁଛେ । ଆପଣ ଅ.ସ କୁହନ୍ତି, ପବିତ୍ର କୁରଆନ୍ କରୀମ୍‌କୁ ଏକ ଦର୍ଶନ ଭାବରେ ବିଚାର କରି ଆବୃତ୍ତି କର । ହୁଜୁର ଅନ୍‌ୱର ଅ.ବ କହିଲେ, ଅତଏବ୍ ପବିତ୍ର କୁରଆନ୍ କରୀମ୍‌ର ସେହି ଅର୍ଥ ଏବଂ ଗୂଢ ରହସ୍ୟକୁ ତଥା ତାହାର ବ୍ୟାଖ୍ୟା ପ୍ରତି ପ୍ରତ୍ୟେକ ଅହେମଦିକୁ ଧ୍ୟାନ ଦେବା ଉଚିତ।

ସୁତରାଂ ଆମମାନଙ୍କର ଏହି କାର୍ଯ୍ୟ ଯେ, ଆମେମାନେ ହ. ମସିହ୍ ମଉଦ୍ ଅ.ସଙ୍କ ଦ୍ୱାରା ବର୍ଣ୍ଣିତ ଉପଦେଶ ଉପରେ କାର୍ଯ୍ୟାନୁସରଣ କରିବା ପ୍ରତି ଉଦ୍ୟମ କରିବା ଉଚିତ । ଏହା ଅତ୍ୟନ୍ତ ଆବଶ୍ୟକୀୟ ଓ ଅପିରାହାର୍ଯ୍ୟ ବସ୍ତୁ ଅଟେ । ଅନ୍ୟଥା ବୈଅତ୍ କରିବା ମୂଲ୍ୟହୀନ ଅଟେ । ହୁଜୁର ଅନୱର୍ ଅ.ବ କୁହନ୍ତି, ବର୍ତ୍ତମାନ ତୁମେମାନେ କ୍ଷମା ଯାଚନା କରୁଅଛି ଏବଂ ଅଲ୍ଲାଃତାଲା ଭବିଷ୍ୟତରେ ଏହା ଦେଖିବାକୁ ଚାହୁଁଛନ୍ତି ଯେ, ସେହି କ୍ଷମା ଯାଚନା ମାଧ୍ୟମରେ ତୁମେମାନେ ନିଜକୁ କେତେ ଦୂର ପର୍ଯ୍ୟନ୍ତ ସ୍ୱଚ୍ଛ ତଥା ପରିଷ୍କାର କରିଅଛ । ତେଣୁ ତୁମେମାନେ ଶୁଦ୍ଧପୂତ ମନ ହୋଇ ଅଲ୍ଲାଃତାଲାଙ୍କ ନିକଟରେ କ୍ଷମା ପ୍ରାର୍ଥନା କର । ଆଜିକାଲି ହ. ଆଦମ୍ ଅ.ସଙ୍କ ଦୁଆକୁ ବହୁଳ ରୂପେ ପଢିବା ଆବୃତ୍ତି କରିବା ଉଚିତ । ଅର୍ଥାତ **ରବ୍‌ବନା ଜଲମ୍‌ନା ଅନ୍‌ଫୁସନା ୱଇନ୍ ଲମ୍ ତଗ୍‌ଫିର୍‌ଲନା ୱ ତର୍‌ହମ୍‌ନା ଲନକୁନନ୍ନା ମିନଲ୍ ଖାସିରିନ୍** । ଏହି ଦୁଆଟି ପ୍ରାରମ୍ଭିକ ପର୍ଯ୍ୟାୟରେ ସ୍ୱୀକୃତ ହୋଇ ସାରିଛି । ତେଣୁ ତୁମେମାନେ ଅବଚତେନ ହୋଇ ନିଜ ଜୀବନକୁ ଅତିବାହିତ କର ନାହିଁ । ତେଣୁ ଯେଉଁ ବ୍ୟକ୍ତି ଅବଚେତନ ହୋଇ ନିଜର ଜୀବନକୁ ଅତିବାହିତ କରି ନଥାଏ ତେବେ ସେହି ବ୍ୟକ୍ତି ସପକ୍ଷରେ ଏହା ଆଶା କାରାଯାଇ ପାରିବ ନାହିଁ ଯେ, ସେ ଶକ୍ତି ବହିର୍ଭୂତ କୌଣସି ବିପଦର ସମ୍ମୁଖୀନ ହେବ । କୌଣସି ବିପତ୍ତି ପ୍ରଭୁଙ୍କ ଆଦେଶ ବିନା କଦାପି ଅବତୀର୍ଣ୍ଣ ହୋଇ ନଥାଏ । ହୁଜୁର ଅ.ସ କୁହନ୍ତି, ଯେପରିକି ମୋତେ ଏହି ଐଶୀବାଣୀ ହେଲା ଯେ, **ରବ୍‌ବି କୁଲ୍ଲୁ ଶୈଇନ୍ ଖାଦିମୁକା ରବ୍‌ବି ଫହ୍‌ଫଜ୍‌ନି ୱନ୍ ସୁର୍‌ନି ୱର୍ ହମ୍‌ନି** । ହୁଜୁର ଅନୱର୍ ଅ.ବ କହିଲେ ତେଣୁ ଆପଣମାନେ ଉପରୋକ୍ତ ଦୁଆକୁ ଅତ୍ୟଧିକ ପୁନରାବୃତ୍ତି କରନ୍ତୁ । ଆମାମାନଙ୍କୁ ସର୍ବଦା ଶୈତାନ୍‌ର ଜାଲରୁ ବର୍ତ୍ତି ରହିବା ପାଇଁ ଅଲ୍ଲାଃତାଲାଙ୍କ ଶରଣରେ ଆସିବା ପାଇଁ ଉଦ୍ୟମ କରିବା ଉଚିତ । ସୁତାରଂ ପୃଥିବୀର ପ୍ରତ୍ୟେକ ଅହେମଦି ଏହି କଥା ଉପରେ ବିଚାର କରୁ ଯେ, କ'ଣ ଆମେମାନେ ସେହି ଅହେମଦି ଯେପରି ହ. ମସିହ୍ ମଉଦ୍ ଅ.ସ ଆମମାନଙ୍କୁ ଯେପରି ଗଢି ତୋଳିବା ପାଇଁ ଇଚ୍ଛା ପ୍ରକାଶ କରିଥିଲେ । ଯଦି ନୁହେଁ ତେବେ ଆମମାନଙ୍କୁ ସର୍ବଦା ଏଥିପାଇଁ ପ୍ରୟାସରତ ଏବଂ ଉଦ୍ୟମରତ ହୋଇ ଦୁଆ କରିବା ଉଚିତ । ଅଲ୍ଲାଃତାଲା ଏଥି ନିମନ୍ତେ ଆମ ସମସ୍ତଙ୍କୁ ସାମର୍ଥ୍ୟ ପ୍ରଦାନ କରନ୍ତୁ ।

ଖୁତ୍‌ବା ଶେଷରେ ହୁଜୁର ଅନୱର୍ ଅ.ବ କହିଲେ, ସମ୍ମାନନୀୟ ସ୍ୱର୍ଗତ ଫଜଲ୍ ଅହେମଦ ଡୋଗର୍ ସାହେବ ଯାମିୟା ଅହେମଦିୟା ୟୁ.କେର କର୍ମଚାରୀ, ରବ୍‌ୱାର ମୁବଲ୍ଲିଗ୍ ସିଲ୍‌ସିଲା ସମ୍ମାନନୀୟ ସ୍ୱର୍ଗତ ମନ୍‌ସୁର ଅହେମଦ ଉମର୍ ସାହେବ ଏବଂ ସମ୍ମାନନୀୟ ସ୍ୱର୍ଗତ ଇସା ଯୋଜଫ୍ ସାହେବ ମୁଅଲ୍ଲିମ୍ ସିଲ୍‌ସିଲା ଗ୍ୟାମ୍ବିୟାଙ୍କ ବିୟୋଗ ଓ ସେମାନଙ୍କର ଉତ୍ତମ ଧର୍ମ ସେବାର ଚର୍ଚ୍ଚା କରି ନମାଜ୍ ଯନାଜାଃ ପଢାଇବାର ଘୋଷଣା କଲେ ।

---

**ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ୱ ନସ୍‌ତଇନୁହୁ ୱନସ୍‌ତଗ୍‌ଫିରୁହୁ ୱନୁମିନୁ ବିହି ୱନତୱକ୍‌କଲୁ ଅଲୈ ୱ ନଊଜୁ ବିଲ୍ଲାହି ମିନ୍ ଶୁରୁରି ଅନ୍‌ଫୁସିନା ୱମିନ୍ ସଈଆତି ଆମାଲିନା ମଇଁ ୟହ୍‌ଦିହିଲ୍ଲାହୁ ଫଲା ମୁଜିଲ୍ଲା ଲହୁ ୱମଇଁ ୟୁଜ୍‌ଲିଲହୁ ଫଲା ହାଦିୟା ଲହୁ ୱନଶ୍‌ହଦୁ ଅନ୍‌ଲା ଇଲାହା ଇଲ୍ଲଲ୍ଲାହୁ ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ । ଇବାଦଲ୍ଲାହି ରହିମକୁମୁଲ୍ଲାହି ଇନ୍ନଲ୍ଲାହା ୟାମୁରୁ ବିଲ୍ ଅଦ୍‌ଲେ ୱଲ୍ ଇହ୍‌ସାନି ୱଇତାଇଜ଼ିଲ୍ କୁର୍‌ବା ୱୟନ୍‌ହା ଅନିଲ୍ ଫହ୍‌ଶାଇ ୱଲ୍ ମୁନ୍‌କରି ୱଲ୍ ବଗ୍‌ଇ ୟଇଜୁକୁମ୍ ଲାଅଲ୍‌ଲକୁମ୍ ତଜ଼କ୍ କରୁନା ଉଯ୍‌କୁରୁଲ୍ଲାହ୍ ୟଜ୍‌କୁରୁକୁମ୍ ୱଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ୱଲଜ଼ିକରୁଲ୍ଲାହି ଅକ୍‌ବର୍ ।**

.....................................

KHULASA KHUTBA JUMA HUZOOR ANWAR a.b.a
23rd Dec. 2022